ସର୍ବସାଧାରଣ
sarbasadharana

21st June, 2021

# ଆଇଆଇଟିର ଟିକାକରଣ ପ୍ରକ୍ରିୟା ତ୍ୱରାନ୍ୱିତ

ଜଟଣୀ(ଆପ୍ର): କେନ୍ଦ୍ରୀୟ ଶିକ୍ଷା ସଂସ୍ଥାନ ଆଇଆଇଟିର ଟିକାକରଣ ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ ତ୍ୱରାନ୍ୱିତ ହୋଇଛି । ମହାମାରୀ କରୋନା ସଂକ୍ରମଣରୁ ସୁରକ୍ଷା ଲାଗି ଅନୁଷ୍ଠାନର ଛାତ୍ରଛାତ୍ରୀ, ଫାକଲ୍ଟି, କର୍ମଚାରୀ, ଗୃହରକ୍ଷୀ ଓ ଅନ୍ୟାନ୍ୟଙ୍କୁ ଏହି ଟିକାକରଣରେ ସାମିଲ କରାଯାଇଥିଲା । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣର ସହଯୋଗରେ ସ୍ଲଟ୍ ମାଧ୍ୟମରେ ପଞ୍ଜିକୃତ କରାଯାଇ ଟିକାକରଣ କରାଯାଇଥିଲା । ଏନେଇ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆରଭି ରାଜା କୁମାର କହିଛନ୍ତି ଯେ, ମହାମାରୀ କରୋନା ସଂକ୍ରମଣରେ ସାରା ବିଶ୍ୱ ଛଟପଟ ହେଉଥିବାବେଳେ ଆଇଆଇଟିକୁ ସୁରକ୍ଷା ଦେବା ଦୃଷ୍ଟିରେ ଟିକାକରଣ କରାଯାଇଥିଲା । ଏଥି ସହିତ ଯେଉଁମାନେ ସୁରକ୍ଷିତ ଭାବେ ଘରେ ରହିଛନ୍ତି ସେମାନେ ମଧ୍ୟ ଟିକା ନିଅନ୍ତୁ ଏବଂ ନିଜକୁ ସୁରକ୍ଷିତ କରନ୍ତୁ । ଗତ ୨୦୨୦ ମସିହାର ମହାମାରୀ କୋଭିଡ୍‌ରେ ୫ଜଣ ଆକ୍ରାନ୍ତ ହେବା ଘଟଣାକୁ ନେଇ ଆଇଆଇଟି ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରିଛି । ଏଥି ସହିତ ସରକାରଙ୍କ ସମସ୍ତ ଗାଇଡ୍‌ଲାଇନ୍‌କୁ ଆଇଆଇଟି ଭୁବନେଶ୍ୱରର ଜଟଣୀ କ୍ୟାମ୍ପସ ବିଧିବଦ୍ଧ ଭାବେ ପାଳନ କରିଆସୁଛି ।